# ଉତ୍କଳ ପ୍ରଭାତ

ପଲ୍ଲୀକବି ନନ୍ଦକିଶୋର ବଳ

ଉଠ ଗୋ ଦୁଃଖିନୀ ଉତ୍କଳ ଜନନି !
ପାହିଛି ବିଷାଦ ଯାମିନୀ ତବ,
ଉଠି ଦେଖ ନଭେ ନବ ଦିନମଣି
ଶୁଣ ସୁପ୍ରଭାତେ ବିହଙ୍ଗ ରବ,
ନବୀନ ଚେତନେ ନବୀନ ଉଦ୍ୟମେ
ଜାଗି ଉଠିଛନ୍ତି ଜଗତ ଜନ,
କିମ୍ପାଇଁ କହଗୋ ପ୍ରିୟ ମାତୃଭୂମି
ଅଛୁ ଅବସାଦ-ନିଦ୍ରା ମଗନ ?
ଅବସାଦ ତେଜି ଅଳପ ଅଳପ
ଜାଗୁଛନ୍ତି ନିଜେ ପ୍ରିୟ ଭାରତ,
ବଙ୍ଗ ମହାରାଷ୍ଟ୍ର ଦ୍ରାବିଡ଼ ପଞ୍ଜାବ
ନବ ଜ୍ଞାନ-ଭାନୁ-କର ପ୍ରାପତ ।
କିମ୍ପା ତେବେ ପ୍ରିୟ ଉତ୍କଳ ଜନନୀ
ଅବସାଦ-ନିଦ୍ରା ନ ଭାଙ୍ଗେ ତବ,
ଫୁଟିଛି ପବିତ୍ର ଧର୍ମ ସୁକୁସୁମ
ଶୁଭୁଅଛି ପୁଣ୍ୟ ପ୍ରଭାତ ସ୍ତବ,
ବିଜ୍ଞାନ-ଭାସ୍କର ସମୁଜ୍ଜ୍ୱଳ କରେ
ଧରାମୁଖ ଛବି ଦିଶେ ଉଜ୍ଜ୍ୱଳ ।

ବିଜୟୀ ହୁଅନ୍ତି ସେହିମାନେ ଯେହୁ
ଜୀବନ ସଂଗ୍ରାମେ ଖଟାନ୍ତି ବଳ,
ଉନ୍ନତ ସବଳ କର୍ମିଷ୍ଠ ଜଗତେ
ଏ ଭାରତ ସର୍ବ ପୃଷ୍ଠେ ପତିତ,
ତୁ ପୁଣି ଅଧମ ଦେଶରେ ଅଧମ
ତେଣୁ ସବୁଠାରେ ତୁହି ଲାଞ୍ଛିତ ।
ତଥାପି ନୈରାଶ୍ୟ କଥା ନ କହିବି,
ଚିର ଅବସନ୍ନ ସୁପ୍ତ ସ୍ୱଦେଶ,
କାହା ଚିର ଦିନ ନଯାଏ ସମାନ,
ହେବ ଦିନେ ତବ ଦିତନା ଶେଷ ।
କର୍ମ ହିଁ ଜୀବନ କର୍ମ ହିଁ ଉଦ୍ଦେଶ୍ୟ
ଜଡ଼ତା ଜୀବନ୍ତ ମରଣ ସିନା,
ଦୁର୍ଲ୍ଲଭ ମାନବ ଜନମ ବିଅର୍ଥ
ଜୀବନ କର୍ତ୍ତବ୍ୟ ସାଧନ ବିନା ।
ଉଠ ପ୍ରିୟ ଭ୍ରାତା ଉଠଗୋ ଭଗିନୀ
ମାତୃଭୂମି ଦୁଃଖ ଦୀନତା ନାଶ,
ବିନୀତ ଚିତ୍ତରେ ତବ ପୂତ ପଦେ
ନିବେଦଇ କବି ପ୍ରାଣ ଉଚ୍ଛ୍ୱାସ ।